■ ସାହିତ୍ୟ ଅକାଦେମି ଅନୁବାଦ ପୁରସ୍କାର ୨୦୨୪ ଘୋଷିତ

# ଓଡ଼ିଆ ପାଇଁ ସୁଭାଷ ଶତପଥୀ ମନୋନୀତ



ଭୁବନେଶ୍ୱର, ୭।୩ (ସମିସ): ନୂଆଦିଲ୍ଲୀଠାରେ ଅନୁଷ୍ଠିତ ସାହିତ୍ୟ ଅକାଦେମୀର କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ୨୦୨୪ ମସିହା ପାଇଁ ଅନୁବାଦ ପୁରସ୍କାର ଘୋଷିତ ହୋଇଛି। ଅକାଦେମୀର ସଭାପତି ମାଧବ କୌଶିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୨୧ଟି ଭାଷାର ଅନୁବାଦ ପୁସ୍ତକ ପୁରସ୍କାର ପାଇଁ ନାମ ଘୋଷଣା କରାଯାଇଛି। ଏଥର ଓଡ଼ିଆ ଭାଷା ପାଇଁ ଅନୁବାଦ ପୁରସ୍କାର ପାଇବେ ବିଶିଷ୍ଟ ଲେଖକ ଏବଂ ଅନୁବାଦକ ସୁଭାଷ ଶତପଥୀ। ଇଂରାଜୀରେ ରଚିତ ରସକିନ୍ ବଣ୍ଡଙ୍କ ଆତ୍ମଜୀବନୀ (ଲୋନ୍ ଫକ୍ସ ଡ୍ୟାନ୍ସିଂ)ର ଓଡ଼ିଆ ଅନୁବାଦ 'କୋକିଶିଆଳିର ଏକକନୃତ୍ୟ' ପାଇଁ ତାଙ୍କୁ ଏହି ପୁରସ୍କାର ଲାଗି ମନୋନୀତ କରାଯାଇଛି। ଏହାପୂର୍ବରୁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି। ଶ୍ରୀ ଶତପଥୀଙ୍କ ପ୍ରକାଶିତ ଅନ୍ୟ ଅନୁବାଦ ପୁସ୍ତକ ମଧ୍ୟରେ ରହିଛି ସଂସାର, ପୂର୍ଣ୍ଣିମା ରାତ୍ରିର ଅଭିସାର ଓ ଅନ୍ୟାନ୍ୟ ଗଳ୍ପ, ସମୁଦ୍ରକୂଳର ଗାଁ, ଖୁଶୱନ୍ତ ସିଂହଙ୍କ ଗଳ୍ପ, ଏମ.ଟି. ବାସୁଦେବ ନାୟାରଙ୍କ ଗଳ୍ପ, ବିଭାଜନ ଇତ୍ୟାଦି ଅନ୍ୟତମ।

ସୂଚନା ଅନୁସାରେ, ଶ୍ରୀ ଶତପଥୀ ବର୍ତ୍ତମାନ ଓଡ଼ିଆ ଦୈନିକ ଖବରକାଗଜ 'ପ୍ରମେୟ'ର ସଂପାଦନା ବିଭାଗରେ କାର୍ଯ୍ୟରତ। ଏଥର ଓଡ଼ିଆ ଭାଷାର ଅନୁବାଦ ପୁରସ୍କାର ପାଇଁ ବିଚାରକମଣ୍ଡଳୀରେ ଅମରେଶ ପଟ୍ଟନାୟକ, ପ୍ରଭାସିନୀ ମହାକୁଡ଼ ଏବଂ ମୋନାଲିସା ଜେନା ପ୍ରମୁଖ ସ୍ଥାନ ପାଇଥିଲେ। ଏକ ସ୍ୱତନ୍ତ୍ର ଉତ୍ସବରେ ଶ୍ରୀ ଶତପଥୀଙ୍କୁ ପୁରସ୍କାର ସ୍ୱରୂପ ୫୦ହଜାର ଟଙ୍କାର ଅର୍ଥରାଶି ସହ ତାମ୍ରଫଳକ ପ୍ରଦାନ କରାଯିବ।